# ଅମୃତା ବିଶ୍ୱ ବିଦ୍ୟାପୀଠମର ବୈଜ୍ଞାନିକମାନେ ଏନ୯୬ ନାନୋ ମାସ୍କର ଶୁଭାରମ୍ଭ କରିଛନ୍ତି ଯେଉଁଥିରେ ରହିଛି ୯୯.୯% ଫିଲଟରେସନ ଦକ୍ଷତା




ଭୁବନେଶ୍ୱର,(ନି.ପ୍ର.): ଅମୃତା ବିଶ୍ୱ ବିଦ୍ୟାପୀଠମର ସେଂଟର ଫର ନାନୋସାଇନ୍‌ସ ଓ ମୋଲେକ୍ୟୁଲାର ମେଡିସିନର ବୈଜ୍ଞାନିକମାନେ ନାନୋଟେକ୍‌ନୋଲୋଜି ଆଧାରିତ ଏକ ସ୍ୱତନ୍ତ୍ର ତିନି-ପ୍ଲାଏ ଏନ୍‌୯୬ ନାନୋ ମାସ୍କର ଶୁଭାରମ୍ଭ କରିଛନ୍ତି। ଏହା ମୂଲ୍ୟ ଉପଯୋଗୀ ଓ ପାରମ୍ପରିକ ଏନ୍‌୯୬ ତଥା ସର୍ଜିକାଲ୍ ମାସ୍କ ତୁଳନାରେ ଉନ୍ନତ ଫିଲ୍‌ଟରେସନ ତଥା ନିଶ୍ୱାସ ପ୍ରଶ୍ୱାସ ପାଇଁ ସୁବିଧା ପ୍ରଦାନ କରେ। ଅମୃତା ଏନ୯୬ ନାନୋ ମାସ୍କର ମୂଲ୍ୟ ଟ.୨୦୦ ରୁ କମ୍, ଏବଂ ଏହାକୁ ପୁନଃବ୍ୟବହାର ପାଇଁ ୩୦ ଥର ପର୍ଯ୍ୟନ୍ତ ଧୂଆ ଯାଇପାରିବ। ଏହା ଦୀର୍ଘସ୍ଥାୟୀ, ତ୍ୱଚା ପାଇଁ ଉପଯୋଗୀ ଓ ଗନ୍ଧମୁକ୍ତ ଏବଂ ଦୀର୍ଘ ସମୟ ପିନ୍ଧିବା ନିମନ୍ତେ ଆରାମଦାୟକ ଅଟେ। ଏହାର କପଡ଼ା ନିଶ୍ୱାସ ପ୍ରଶ୍ୱାସ ନେବା ପାଇଁ ଆରାମଦାୟକ ଓ ଏହା ସହିତ ଏହା କ୍ଷତିକାରକ ମାଇକ୍ରୋବ୍‌ସ ରୁ ୧୦୦% ସୁରକ୍ଷା ପ୍ରଦାନ କରିଥାଏ। ଅନ୍ୟ କୌଣସି ପ୍ରକାର ମାସ୍କରେ ଏପରି ନିଶ୍ୱାସପ୍ରଶ୍ୱାସ ଗ୍ରହଣର ସୁଗମତା (ଲେଭଲ୍ ୨) ସର୍ବାଧିକ ସୁରକ୍ଷା (୯୯.୯%) ପ୍ରାୟତଃ ଉପଲବ୍ଧ ନଥାଏ। ଅମୃତା ବିଶ୍ୱବିଦ୍ୟାପିଠମ୍ ଏହି ଟେକ୍‌ନୋଲୋଜି ଲାଇସେନ୍‌ସ ଅଧିନରେ ଅଧିକ ଉତ୍ପାଦନ ନିମନ୍ତେ ପ୍ରଦାନ କରୁଛି ଯଦ୍ୱାରା ଏହାର ମୁଲ୍ୟକୁ କମ୍ କରାଯାଇପାରିବ। ଅମୃତା ଏନ୍‌୯୬ ନାନୋ ମାସ୍କ ରେ ରହିଛି ନାନୋ-ଲେୟାରଯୁକ୍ତ ଫିଲ୍‌ଟର ଯାହାକୁ ଲ୍ୟାବରେ ପରୀକ୍ଷା କରାଯାଇଛି। ଏହା ୯୯.୯% ବ୍ୟାକ୍ଟେରିଆଲ୍ ଓ ଭାଇରସ ଏରୋସୋଲ୍ ଫିଲ୍‌ଟରେସନ ସୁବିଧା ପ୍ରଦାନ କରେ ତଥା ୩ ମାଇକ୍ରୁନରୁ ଅଧିକ ୯୬% ପାର୍ଟିକିଲ୍ ଫିଲଟରେସନ କରିଥାଏ। ଏହାକୁ ସାଉଥ୍ ଇଣ୍ଡିଆ ଟେକ୍‌ଟାଇଲ୍ ରିସର୍ଚ୍ଚ ଆସୋସିଏସନ (ଏସଆଇଟିଆରଏ) ଦ୍ୱାରା ପରୀକ୍ଷା କରାଯାଇଛି। ଏହା ବୟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହାୟତାପ୍ରାପ୍ତ ଏକ ଅଗ୍ରଣୀ ଲାବୋରାଟୋରି ଅଟେ ଓ ଏହା ମାସ୍କ ତଥା ପିପିଇ ପ୍ରସ୍ତୁତ କରୁଛି। ଡା. ଶାନ୍ତିକୁମାର ନୟର, ଡିନ୍ (ରିସର୍ଚ୍ଚ), ତଥା ସେଂଟର ଫର ନାନୋସାଇନ୍‌ସ ଓ ମୋଲେକ୍ୟୁଲାର ମେଡିସିନ୍, ଅମୃତା ବିଶ୍ୱ ବିଦ୍ୟାପୀଠମ କହିଛନ୍ତି ଯେ, ଋଅମୃତା ଏନ୍‌୯୬ ନାନୋ ମାସ୍କ ପାରମ୍ପରିକ ସର୍ଜିକାଲ୍ ଓ ଏନ୍‌୯୫ ମାସ୍କ ଠାରୁ ବହୁତ ଉନ୍ନତ। ଏହା ପିନ୍ଧିବା ପାଇଁ ଆରାମଦାୟକ ଓ ନାନୋଟେକ୍‌ନୋଲୋଜିରେ ପ୍ରସ୍ତୁତ। ଏଥିରେ ନାନୋ ଇଞ୍ଜିନିୟରଯୁକ୍ତ ଫିଲଟର ରହିଛି ତଥା ଏହା ଇଲେକ୍ଟ୍ରୋସ୍ପିନବାୟୋଡ୍ରେଣ୍ଡଲି ପଲିମର ନାନୋ ଫାଇବରରେ ସମ୍ବନ୍ଧୀ ନାନୋ-ଆକାରର ଚ୍ୟାନେଲ୍ ଓ ନାନୋ ଫିଲଟରରେ ପରସ୍ପର ସହିତ ସଂଯୁକ୍ତ ଛିଦ୍ର ଉନ୍ନତ 'ସ୍ଲିପ୍ ପ୍ରଭାବ' ପ୍ରଦାନ କରେ ଯାହାକି ନିଶ୍ୱାସ ପ୍ରଶ୍ୱାସ ଗ୍ରହଣକୁ ଆରାମଦାୟକ କରେ ତଥା ଉଚ୍ଚ ଫିଲ୍‌ଟରେସନ କ୍ଷମତା ମଧ୍ୟ ପ୍ରଦାନ କରେ। ମାସ୍କର ଏକ ନିର୍ଦ୍ଦିଷ୍ଟ ଡିଜାଇନ୍ ଆଂଟିଫଗିଂ ଗୁଣଧର୍ମ ମଧ୍ୟ ପ୍ରଦାନ କରେ। ଏହା ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପାଇଁ ଏକ ଉପଯୋଗୀ ନିରାପତା ସାମଗ୍ରୀ ଓ ଏହା କ୍ଷତିକାରକ ବ୍ୟାକ୍ଟେରିଆ ଓ ଭାଇରସରୁ ମଧ୍ୟ ସୁରକ୍ଷା ପ୍ରଦାନ କରେ। ସେ କହିଛନ୍ତି ଯେ, ଋକିଛି ବର୍ଷ ପୂର୍ବେ , ଅମୃତା ବିଶ୍ୱ ବିଦ୍ୟାପୀଠମ୍ ଡାକ୍ତରୀ ପ୍ରୟୋଗ ପାଇଁ ନାନୋ ମ୍ୟାଟେରିଆଲର ବିକାଶ କରିବା ନିମନ୍ତେ ଭାରତ ସରକାରଙ୍କ ଠାରୁ ଅନୁଦାନ ଗ୍ରହଣ କରିଥିଲେ।